# NATIONAL NEWS BULLETIN (ODIA)

## 13 March - 2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ମରିସସ୍ ଗସ୍ତ ଶେଷ କରି ନୂଆଦିଲ୍ଲୀରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଭାରତ ଗତ ୧୦ ବର୍ଷ ମଧ୍ୟରେ ୩୯୩ଟି ବିଦେଶୀ ଉପଗ୍ରହ ଉତ୍କ୍ଷେପଣ କରିଥିବା ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।
- ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ ପୂର୍ବରୁ ନୂଆଦିଲ୍ଲୀରେ ଆଜି ବିଶ୍ୱସମୁଦାୟ ସହ ଯୋଗାଯୋଗ କରିବେ ବୈଦେଶିକ ବ୍ୟାପାର ଓ ସୂଚନା ପ୍ରସାରଣ ମନ୍ତ୍ରୀ ।
- ଷ୍ଟାର୍‌ଲିଙ୍କ୍ ଇଣ୍ଟରନେଟ୍ ସେବା ଦୁର୍ଗମ ଅଞ୍ଚଳରେ ରେଳ ପ୍ରକଳ୍ପ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ, କହିଲେ କେନ୍ଦ୍ର ଆଇ.ଟି. ମନ୍ତ୍ରୀ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଜି ସନ୍ଧ୍ୟାରେ ମୁହାଁମୁହିଁ ହେବେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଜାଏଣ୍ଟସ୍ ।

# ପିଏମ୍-ଆରାଇଭାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ମରିସସ୍ ଗସ୍ତ ଶେଷ କରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଗତକାଲି ଶ୍ରୀ ମୋଦୀ ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପ୍ ଦି ମାର୍ସ'ଠାରେ ଆୟୋଜିତ ଏହି ସମାରୋହରେ ମରିସସ୍‌ର ରାଷ୍ଟ୍ରପତି ଧରମ୍‌ବିର ଗୋଖୁଲ ଭାରତ–ମରିସସ୍ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଶ୍ରୀ ମୋଦୀଙ୍କର ଅତୁଳନୀୟ ଅବଦାନ ଲାଗି ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର୍ ଆଣ୍ଡ କି଼ ଅଫ୍ ଦି ଇଣ୍ଡିଆନ୍ ଓସେନ୍' ସମ୍ମାନରେ ସମ୍ମାନିତ କରିଥିଲେ। ଏହି ପୁରସ୍କାର ପାଇବାରେ ଶ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ।

ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ମରିସସ୍ ପ୍ରତିପକ୍ଷ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲମଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷୀୟ ଭାଗିଦାରୀ ସମ୍ପର୍କରେ ଏକ ପ୍ରତିନିଧିସ୍ତରୀୟ ଆଲୋଚନା କରିଥିଲେ। ଏହି ଭାଗିଦାରୀକୁ ଏକ ସମ୍ପ୍ରସାରିତ ରଣନୈତିକ ଭାଗିଦାରୀରେ ପରିଣତ କରିବା ଲାଗି ଉଭୟ ନେତା ଆଗ୍ରହ ପ୍ରକାଶ କରିଥିଲେ ।

ମରିସସ୍‌ର ଜାତୀୟ ସଂସଦରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉଭୟ ପ୍ରଧାନମନ୍ତ୍ରୀ ଯୋଗଦେଇ ୨୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଗୋଷ୍ଠୀ ବିକାଶ

ପ୍ରକଳ୍ପ ଏବଂ ଭାରତ ସହାୟତାରେ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭର୍ଚୁଆଲ ମାଧ୍ୟମରେ ଉନ୍ମୋଚନ କରିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଆର୍ଥିକ ଅପରାଧ ମୁକାବିଲା, ସାମୁଦ୍ରିକ ସୁରକ୍ଷା, କ୍ଷମତା ନିର୍ମାଣ ଆଦି କ୍ଷେତ୍ରରେ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ସେହିଭଳି ମରିସସ୍‌ରେ ଉଚ୍ଚକ୍ଷମତା ସମ୍ପନ୍ନ ଗୋଷ୍ଠୀ ବିକାଶ ପ୍ରକଳ୍ପଗୁଡ଼ିକର ଦ୍ୱିତୀୟ ପର୍ଯ୍ୟାୟ ଏବଂ ସେଠାରେ ନୂତନ ସଂସଦ ଭବନ ନିର୍ମାଣ ଲାଗି ସହାୟତା ଦେବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିଥିଲେ । ମରିସସ୍ ସହ ଭାରତର ସମ୍ପର୍କକୁ ଐତିହାସିକ ବୋଲି ଶ୍ରୀ ମୋଦୀ କହିଥିଲେ ।

**V/O- PM-MODI**

# ଏଲ୍‌ଏସ୍-ସାଟେଲାଇଟ୍

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ଦ୍ୱାରା ଗତ ୧୦ ବର୍ଷ ମଧ୍ୟରେ ୩୯୩ଟି ବିଦେଶୀ ଉପଗ୍ରହ ଏବଂ ତିନୋଟି ଭାରତୀୟ ଉପଗ୍ରହକୁ ମହାକାଶକୁ ଉତ୍‌କ୍ଷେପଣ କରାଯାଇଛି । ଇସ୍ରୋର ପି.ଏସ୍.ଏଲ୍.ଭି. – ଏଲ୍.ଭି.ଏମ୍. ଥ୍ରୀ ଏବଂ ଏସ୍.ଏସ୍.ଏଲ୍.ଭି. ଲଞ୍ଚ୍ ଭେଇକିଲ୍ ମାଧ୍ୟମରେ ଏଗୁଡ଼ିକ ଉତ୍‌କ୍ଷେପଣ କରାଯାଇଥିବା ଗତକାଲି ଲୋକସଭାରେ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ।

ଏକ ଲିଖିତ ଉତ୍ତରରେ ଡକ୍ଟର ସିଂହ କହିଛନ୍ତି, ୨୦୧୫ ଜାନୁଆରୀରୁ ୨୦୨୪ ଡିସେମ୍ବର ମଧ୍ୟରେ ବିଦେଶୀ ଉପଗ୍ରହ ଉତ୍କ୍ଷେପଣ କରି ଭାରତ ୧୪୩ ନିୟୁତ ଆମେରିକୀୟ ଡଲାର୍ ଓ ୨୭୨ ନିୟୁତ ୟୁରୋ ରାଜସ୍ୱ ଆୟ କରିଛି । ସେ କହିଥିଲେ, ୨୦୧୪ ପରଠାରୁ ଭାରତ ବିକଶିତ ଦେଶ ଗୁଡ଼ିକର ୩୪ଟି ଉପଗ୍ରହ ମହାକାଶକୁ ପଠାଇଛି । ସେହି ଦେଶଗୁଡ଼ିକ ହେଉଛନ୍ତି, ଆମେରିକା, ବ୍ରିଟେନ୍, ସିଙ୍ଗାପୁର, କାନାଡ଼ା, କୋରିଆ, ଲକ୍ଜମ୍ବର୍, ଇଟାଲୀ, ଜର୍ମାନୀ, ବେଲ୍ଜିୟମ୍ ଏବଂ ଫ୍ରାନ୍ସ ।

## ୱେଭ୍ସ-ଦିଲ୍ଲୀ ଇଭେଣ୍ଟ

ବିଶ୍ୱ ଦୃଶ୍ୟଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ ୨୦୨୫ ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ବିଶ୍ୱ ସମୁଦାୟଙ୍କ ସହ ଯୋଗାଯୋଗ କରିବେ । ଏଥିରେ ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏବଂ ଆୟୋଜକ ରାଜ୍ୟ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ କାର୍ଯ୍ୟକ୍ରମରେ ଯୋଗଦେବେ ।

ଏହି କାର୍ଯ୍ୟକ୍ରମ ଜରିଆରେ ସରକାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ପାଇଁ ଏକ ସମନ୍ୱିତ ବିଶ୍ୱସ୍ତରୀୟ ମଞ୍ଚ ଭାବରେ ୱେଭ୍ସର ସମ୍ଭାବନା ଗୁଡ଼ିକ ଉପରେ ଆଲୋଚନା କରାଯିବ ।

କାର୍ଯ୍ୟକ୍ରମରେ ଶତାଧିକ ରାଷ୍ଟ୍ରଦୂତ ଓ ହାଇ କମିଶନ୍ ମଧ୍ୟ ଯୋଗ ଦେବେ ।

ସୂଚନା ଯୋଗ୍ୟ ଆସନ୍ତା ମେ ମାସ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ୱେଭ୍ସ ସମ୍ମିଳନୀର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ ।

## ବୈଷ୍ଣବ-ଷ୍ଟାରଲିଙ୍କ

ଭାରତୀୟ ବଜାରରେ ସ୍ପେସ୍ ଏକ୍ସ ଷ୍ଟାର୍‌ଲିଙ୍କ୍ ଇଣ୍ଟରନେଟ୍ ସେବା ପ୍ରବେଶ କରିବାକୁ ପ୍ରସ୍ତୁତ ହୋଇଥିବା ବେଳେ କେନ୍ଦ୍ର ପ୍ରଯୁକ୍ତି ବିଦ୍ୟା ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ସ୍ୱାଗତ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଇଣ୍ଟରନେଟ୍ ସେବା ଦୁର୍ଗମ ଅଞ୍ଚଳରେ ରେଳ ପ୍ରକଳ୍ପ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଷ୍ଟାର୍‌ଲିଙ୍କ୍ ସେବା ଯୋଗାଇଦେବା ପାଇଁ ଏୟାର୍‌ଟେଲ୍ ଏବଂ ଜିଓ ସ୍ପେସ୍ ଏକ୍ସ ସହ ବୁଝାମଣା କରିଛନ୍ତି ।

## ଜେକେ-ବିଜ୍‌ନେସ୍ ଆଡଭାଇଜରି କମିଟି

ଜାମ୍ମୁ କାଶ୍ମୀର ବିଧାନସଭା ଗୃହ କାର୍ଯ୍ୟରେ ସମୟ ଆବଣ୍ଟନ ପାଇଁ ବାଚସ୍ପତି କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି । ଆମ ଜାମ୍ମୁ

ସମ୍ବାଦଦାତା ଜଣାଇଛନ୍ତି, ଏହି କମିଟିରେ ବିରୋଧୀ ଦଳ ସଦସ୍ୟଙ୍କ ସମେତ ସମସ୍ତ ରାଜନୈତିକ ଦଳର ଅଭିଜ୍ଞ ସଦସ୍ୟମାନେ ସଭ୍ୟ ରହିଛନ୍ତି । କମିଟିରେ ଶାସକ ମେଣ୍ଟର ୫ ଜଣ ଓ ବିରୋଧୀ ଦଳର ତିନି ଜଣ ଅଛନ୍ତି । ଶାସକ ମେଣ୍ଟ ସଦସ୍ୟମାନେ ହେଉଛନ୍ତି, ନ୍ୟାସନାଲ୍ କନ୍‌ଫରେନ୍ସର ଅଲି ମହମ୍ମଦ ସାଗର, ମୁବାରିକ ଗୁଲ, କଂଗ୍ରେସର ଗୁଲାମ ଅହମ୍ମଦ ମୀର, ସି.ପି.ଆଇ.ଏମ୍.ର ୟୁସୁଫ୍ ତାରିଗାମି ଏବଂ ଚୌଧୁରୀ ମହମ୍ମଦ ଆକ୍ରାମ । ବିରୋଧୀ ଦଳରୁ ବିଜେପିର ସୁନୀଲ ଶର୍ମା, ପିସିରୁ ସଜାଦ ଗାନି ଲୋନ୍ ଏବଂ ପି.ଡି.ପି.ର ମୀର ମହମ୍ମଦ ଫୟାଜ୍ ସଦସ୍ୟ ଅଛନ୍ତି । ଏହି କମିଟିର ନେତୃତ୍ୱ ନେଉଛନ୍ତି ବାଚସ୍ପତି ଅବଦୁଲ୍ ରହିମ ରାଥେର ।

## ଆଇସିସି-ଡୁଟେରେଟ୍

ଫିଲିପାଇନ୍ସର ପୂର୍ବତନ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେରେଟ୍‌ଙ୍କୁ ଆନ୍ତର୍ଜାତିକ ଅପରାଧିକ କୋର୍ଟ୍‌ର ହେପାଜତକୁ ପଠାଯାଇଛି । ଅଦାଲତ କହିଛନ୍ତି, ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ପୂର୍ବତନ ରାଷ୍ଟ୍ରପତିଙ୍କୁ ବିମାନ ବନ୍ଦରରେ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା । ୭୯ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ମାନିଲାରୁ ହେଗ୍ ପର୍ଯ୍ୟନ୍ତ ଆସିଥିଲେ ଏବଂ ଆନ୍ତର୍ଜାତିକ ନ୍ୟାୟାଳୟର ୱାରେଣ୍ଟ ବଳରେ ତାଙ୍କୁ ଗିରଫ୍ କରାଯାଇଛି ।

ପରବର୍ତ୍ତି ସମୟରେ ତାଙ୍କ ବିରୁଦ୍ଧରେ ଥିବା ଅଭିଯୋଗ ଗୁଡ଼ିକର ଶୁଣାଣି ପାଇଁ ସମୟ ନିର୍ଘଣ୍ଟ କରାଯିବ ବୋଲି କୋର୍ଟ୍ କହିଛନ୍ତି ।

## ରୁଷ-ୟୁକ୍ରେନ୍-ୟୁଏସ୍ ଟକ୍

କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ କହିଛନ୍ତି, ଆମେରିକା ଏବଂ ୟୁକ୍ରେନ୍ ମଧ୍ୟରେ ଅସ୍ତ୍ର ବିରତି ପ୍ରସ୍ତାବ ନେଇ ହୋଇଥିବା ଆଲୋଚନା ସମ୍ପର୍କରେ ଅଧିକ ସୂଚନା ପାଇଁ ମସ୍କୋ ଅପେକ୍ଷା କରିଛି । ସେ କହିଛନ୍ତି, ଉଭୟ ଆମେରିକୀୟ ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ମାଇକ୍ ୱାଲଜ୍ କହିଛନ୍ତି, ବିଭିନ୍ନ କୂଟନୈତିକ ଉପାୟରେ ହୋଇଥିବା ଆଲୋଚନାରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ । ଏହି ବିଷୟରେ ଆଗାମୀ ଦିନରେ ଆମେରିକୀୟ ଅଧିକାରୀଙ୍କ ସହ ବୈଠକ ହେବାକୁ ଥିବାରୁ ସେଥିରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି ।

ଗତ ମଙ୍ଗଳବାର ଦିନ ସାଉଦି ଆରବର ଜେଦା ଠାରେ ଆମେରିକାର ଏକ ପ୍ରତିନିଧି ଦଳ ସହ ଆଲୋଚନା ପରେ ୟୁକ୍ରେନ୍ ୩୦ ଦିନିଆ ମଧ୍ୟବର୍ତ୍ତୀକାଳିନ ଅସ୍ତ୍ରବିରତି ପାଇଁ ଆମେରିକାର ପ୍ରସ୍ତାବକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଥିବା ସଂକେତ ଦେଇଛି । ଆମେରିକା ଏବଂ ୟୁକ୍ରେନ୍‌ର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ହୋଇଥିବା ବୈଠକରେ କିଭ୍

ଆମେରିକା ପ୍ରସ୍ତାବିତ ୩୦ ଦିନିଆ ଅସ୍ତ୍ରବିରତି ଗ୍ରହଣ କରିବାକୁ ରାଜି ହୋଇଥିଲା ଏବଂ ଆମେରିକା ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଣ ଉପରେ ପ୍ରତିବନ୍ଧକ ହଟାଇବାକୁ ରାଜି ହୋଇଥିଲା ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ୍

ମହିଳା ପ୍ରିମିୟରଲିଗ୍ କ୍ରିକେଟ୍‌ରେ ଆଜି ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ । ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ସର୍ବାଧିକ ୧୦ ପଏଣ୍ଟ ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ ରଖିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ୱିତୀୟ ଏବଂ ଗୁଜରାଟ ଜାଏଣ୍ଟସ୍ ତୃତୀୟ ସ୍ଥାନରେ ରହିଛନ୍ତି । ଆଜିର ମ୍ୟାଚ୍‌ରେ ଯେଉଁ ଦଳ ଜିତିବ ସେହି ଦିଲ୍ଲୀ କ୍ୟାପିଟାଲ୍ସ ସହ ଫାଇନାଲ୍ ମ୍ୟାଚ୍ ଖେଳିବ ।

## ବ୍ୟାଡ୍‌ମିଣ୍ଟନ

ବର୍ମିଂହାମ୍ ଠାରେ ଚାଲିଥିବା ଇଂଲଣ୍ଡ ଓପନ୍ ଚାମ୍ପିୟନ୍‌ସିପ୍‌ରେ ଆଜି ଅନେକ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ ତୃତୀୟ ମାନ୍ୟତାପ୍ରାପ୍ତ

ଇଣ୍ଡୋନେସିଆର ଜନାଥନ କ୍ରିଷ୍ଟିଙ୍କୁ ଭେଟିବେ । ମହିଳା ସିଙ୍ଗଲ୍ସରେ ବିଶ୍ୱର ୨୮ତମ ମାନ୍ୟତାପ୍ରାପ୍ତ ମାଳବିକା ବଂଶୋଦ ତୃତୀୟ ମାନ୍ୟତାପ୍ରାପ୍ତ ଜାପାନର ଆକାନେ ୟାମାଗୁଚିଙ୍କ ସହ ମୁକାବିଲା କରିବେ ।

ପୁରୁଷ ଡବଲ୍ସରେ ସପ୍ତମ ମାନ୍ୟତା ପ୍ରାପ୍ତ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ଆଜି ଅପରାହ୍ଣରେ ସି ହାଓ ନାନ୍ ଏବଂ ଜେଙ୍ଗ୍ ୱି ହାନ୍‌ଙ୍କ ବିପକ୍ଷରେ ଅବତୀର୍ଣ୍ଣ ହେବେ । ଭାରତୀୟ ଯୋଡ଼ି ଗତକାଲି ପ୍ରଥମ ରାଉଣ୍ଡରେ ଡାନିଏଲ୍ ଓ ଭେଷ୍ଟରଗାର୍ଡ ଯୋଡ଼ିଙ୍କୁ ପରାସ୍ତ କରିଥିଲେ ।

ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତ୍ରିସା ଜଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ମୁକାବିଲା ଦକ୍ଷିଣ କୋରିଆର ଅଷ୍ଟମ ମାନ୍ୟତାପ୍ରାପ୍ତ ଯୋଡ଼ି କିଙ୍ଗ୍ ହେ ଜିଓଙ୍ଗ ଓ କଙ୍ଗ୍ ହି ୟୋଙ୍ଗଙ୍କ ସହ ହେବ । ଗତକାଲି ଭାରତୀୟ ଯୋଡ଼ି ଚାଇନିଜ୍ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲେ । ଆଜି ମଧ୍ୟ ମିକ୍ସ ଡବଲ୍ସରେ ଭାରତର ରୋହନ କପୁର ଓ ରୁଥିକା ଗାଡ଼େ ପଞ୍ଚମ ମାନ୍ୟତାପ୍ରାପ୍ତ ଚୀନ୍ ଯୋଡ଼ି ୱେଇ ୟା ଜିନ୍ ଏବଂ ଫେଙ୍ଗ୍ ୟାନ୍ ଜେଙ୍କୁ ଭେଟିବେ । ତେବେ ପ୍ରଥମ ରାଉଣ୍ଡରୁ ପି.ଭି. ସିନ୍ଧୁ ଏବଂ ଏଚ୍.ଏସ୍. ପ୍ରଣୟ ବିଦାୟ ନେଇସାରିଛନ୍ତି ।